ସର୍ବସାଧାରଣ
sarbasadharana

# ଆଇଆଇଟିରେ କରୋନା ସଚେତନ ଶିବିର

।। ପ୍ରଭାନ୍ୟୁଜ ।। ଜଟଣୀ, ୬।୩ : ଜଟଣୀସ୍ଥ ଆଇଆଇଟି କ୍ୟାମ୍ପସରେ ଏହାର ନିର୍ଦ୍ଦେଶକ ପ୍ରଫେସର ଆରଭି ରାଜକୁମାରଙ୍କ ସଂଯୋଜନାରେ କରୋନା ବ୍ୟାଧି ସମ୍ପର୍କିତ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଏମସ୍‌ର ମାଇକ୍ରୋବାୟୋଲୋଜି ବିଭାଗର ଏଚଓଡି ପ୍ରଫେସର ଡ ବୈଜୟନ୍ତୀ ମାଲା ମିଶ୍ର କରୋନା ରୋଗ ବାବଦରେ ଯଥେଷ୍ଟ ସଚେତନତା ରହିବା ସହ ଗୁଜବ ପ୍ରତି ଧାନ ନଦେବା ପାଇଁ ଛାତ୍ରଛାତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ ।




ଏଥିରେ ଆଇଆଇଟିର ପ୍ରଫେସର ରବିନ୍ଦ୍ର କୁମାର ପଣ୍ଡା, ସୁଜିତ କୁମାର ରାୟ, ପ୍ରଫେସର ଭିଆର ରେଡ୍ଡୀ, ରେଜିଷ୍ଟାର ସୁବୋଧ କୁମାର ଏବଂ ଯୁଗ୍ମ କୁଳସଚିବ ଦେବରାଜ ରଥ ପ୍ରମୁଖ ଉପସ୍ଥିତ ଥିଲେ ।